# Akashvani, Sambalpur

## SAMBALPURI NEWS MORNING BULLETIN

## 10 March 2026 - 6.47- 6.52 am.

---

ବିଧାନ୍‌ସଭା          ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ଗଲାକାଏଲ୍ ଉପର୍‌ବେଲା ଭିନ୍ ଭିନ୍ ବିଭାଗ୍‌ର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ୍ ହେଇଛେ । ରିପୋର୍ଟ ଉପସ୍ଥାପନ୍ ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଆଏଜ୍‌ତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ଧାନ୍‌ଘିନା- ଚାଷୀପଞ୍ଜିକରଣ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ରବି ଋତୁ ଧାନ୍ ଘିନା ଲାଗି ଆଏଜ୍‌ଠାନୁ ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଉଛେ । ଇଥିର୍‌ଲାଗି ଆଏଜ୍‌ଠାନୁ ୨୦ ତାରିଖ୍‌ତକ୍ ନୂଆଁ ଫର୍ମ ମିଳିପାର୍‌ବା । ଚାଷୀମାନେ ନିଜର୍ ପାଖର୍ ପ୍ରାଥମିକ କୃଷି ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କି ପାଣି

ପଂଚାୟତ ମାନ୍‌କେ ଆଗ୍‌ତୁରା ପଞ୍ଜିକରଣ୍ କରିପାର୍‌ବେ । ଆବେଦନ୍ ଦାଖଲ୍‌ର ଶେଷ୍ ତାରିଖ୍ ମାର୍ଚ୍ଚ ୨୫ ତାରିଖ୍ ରଖାଯାଇଛେ । ମେ ୧ ନୁ ଜୁନ୍ ୩୦ ତାରିଖ୍ ଭିତ୍‌ରେ ଇ ବଛର୍ ରାଏଜେ ଧାନ୍ ଘିନାଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଲାଗି ଚାଷୀମାନ୍‌କର୍ ଲାଗି ହେଲ୍ପଲାଇନ୍ ନମ୍ବର୍ ୧୯୬୭ ଜାରି କରାଯାଇଛେ ।

ଫିଟ୍ ଇଣ୍ଡିଆ କାର୍ନିଭାଲ୍ ଆଇ.ଆଣ୍ଡ୍.ପି.ଆର୍

ଭାରତୀୟ ଖେଳ ପ୍ରାଧିକରଣ୍ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବ ସେବା ବିଭାଗ୍ ତର୍‌ଫୁ ମାର୍ଚ୍ଚ ୧୫ ନୁ ୧୭ ତାରିଖ୍‌ତକ୍ ପୁରୀ ଜିଲ୍ଲା ନ ଫିଟ୍ ଇଣ୍ଡିଆ କାର୍ନିଭାଲ୍ -୨୦୨୬ର ଆୟୋଜନ୍ କରାଯିବା । କାର୍ନିଭାଲ୍‌କେ ନେଇକରି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର ଅଧ୍ୟକ୍ଷତାଥି କୋଲ୍‌କାତା ଠାନେ ଥିବା ପ୍ରାଧିକରଣ୍‌ର ଆଂଚଲିକ୍ କାର୍ଯ୍ୟାଳୟ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ୩ ଦିନିଆ

କାର୍ଯ୍ୟକ୍ରମ୍‌ଥି ପୁରୀ ବେଲାଭୂମି ନ ଯୋଗ, ପ୍ରାଣାୟାମ୍, ୱାକାଥନ୍, ମାରାଥନ୍ ସହେତେ ଖେଲ୍‌କୁଦ୍ ହେବା ।

ପରାମର୍ଶ ଶିବିର-ଶିଳ୍ପମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସର୍ ନ ଗଲାକାଏଲ୍ 'ଓଡ଼ିଶା ନ ଔପଚାରିକ୍ ନିଯୁକ୍ତିଥି ମହିଲାମାନ୍‌କର୍ ଭାଗିଦାର୍ ସୁଯୋଗ୍' ଶୀର୍ଷକ୍ ଗୁଟେ ପରାମର୍ଶ ଶିବିର ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଶିଳ୍ପ ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ୍ କରିକରି ଓଡ଼ିଶାର୍ ଶିଳ୍ପ କ୍ଷେତ୍ର ନ ମହିଲାମାନ୍‌କର୍ ଭୂମିକା ବାବ୍‌ଦେ ଆଲୋଚନା କରିଛନ୍ । ଶିବିର୍‌ଥି ନୀତି ନିର୍ମାତା, ଶିଳ୍ପ ନେତା, ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍ ଆଉ ବିଶେଷଜ୍ଞମାନେ ଯୋଗ୍ ଦେଇକରି ଭିନ୍ ଭିନ୍ କ୍ଷେତ୍ରଥି ମହିଲାମାନ୍‌କର୍ ଉପସ୍ଥିତି ବଢ଼ାବାର୍ ଦିଗେ ରଣନୀତି ବାବ୍‌ଦେ ଆଲୋଚନା କରିଛନ୍ ।

ଷ୍ଟାର୍ଟଅପ୍ ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ଷ୍ଟାର୍ଟଅପ୍ କ୍ଷେତ୍ର ବର୍‌କସ୍ ହେଲେ ରାଜ୍ୟର୍ ସମୃଦ୍ଧି ହେବା । ହେଥିର୍‌ଲାଗି ଯୁଆନ୍ ପିଢ଼ି ଷ୍ଟାର୍ଟଅପ୍ ମୁଲ୍ କର୍‌ବାର୍‌କେ ଆଗ୍‌କେ ଆସ୍‌ବାର୍ ଲାଗି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ଭୁବ୍‌ନେଶ୍ୱର୍ ଓ-ହବ୍ ଠାନେ ଗଲାକାଏଲ୍ ହେଇଥିବା ଷ୍ଟାର୍ଟଅପ୍ ସମ୍ମିଲନୀଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ରାଜ୍ୟର୍ ଯୁଆନ୍ ଉଦ୍ୟୋଗୀମାନ୍‌କୁ ତହଁକାବାର୍ ସହେତେ ୧୨ ଝନ୍ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ଆର୍ଥିକ୍ ସାହାଜ୍ ଯୁଗେଇ ଦେଇଛନ୍ ।

ଓଏଏସ୍ ଅଧିକାରୀ-ତଦନ୍ତ ରିପୋର୍ଟ      ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ପ୍ରଶାସନିକ ସେବା କନିଷ୍ଠ ବର୍ଗ ଆଉ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ମାନ୍‌କର୍ ବିରୋଧିଥି ଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ୍‌ର ତଦନ୍ତ ରିପୋର୍ଟ ଖୋବ୍ ଜଲ୍‌ଦି ଦାଖଲ୍ କର୍‌ବାର୍‌କେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ଇ ବାବ୍‌ଦେ ସବୁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ପୁରୀ, ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍ ଆଉ କନ୍ଧମାଲ୍‌ର ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍

ଅଧିକାରୀ, ସମ୍ବଲପୁର୍ ଆଉ କଟକ୍‌ର ରାଜସ୍ୱ ଆୟୁକ୍ତ ମାନ୍‌କୁ ଚିଠି ଲେଖିଛନ୍ । ୩୧ ତାରିଖ୍ ଆଘୋନୁ ରିପୋର୍ଟ ଦେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ଏନ୍‌ସିଇଟି-ଆବେଦନ୍ ଆଇ.ଆଣ୍ଡ୍.ପି.ଆର୍

ଜାତୀୟ ସାଧାରଣ ପ୍ରବେଶିକା ପରୀକ୍ଷା-ଏନ୍‌ସିଇଟି- ୨୦୨୬ ଥି ନାଁଲେଖା ଲାଗି ଆବେଦନ୍‌ର ଶେଷ୍ ତାରିଖ୍ ଆଏଜ୍ ଶେଷ୍ ହେଉଛେ । ଛାତ୍ରଛାତ୍ରୀମାନେ ରାତିର୍ ୧୧ ବାଜିକରି ୫୦ ମିନିଟ୍‌ତକ୍ ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍- ଏନ୍‌ଟିଏ ର ୱେବ୍‌ସାଇଟ୍ exams.nta.nic.in/ncet ଥି ଆବେଦନ୍ କରିପାର୍‌ବେ । ଏନ୍‌ସିଇଟି ପରୀକ୍ଷା ଆଏବା ଏପ୍ରିଲ୍ ୧୭ ତାରିଖ୍ ଦିନ ହେବା । ୨୦୨୬-୨୭ ଶିକ୍ଷା ବଛର୍‌ନୁ ୪ ବଛ୍‌ରିଆ ବିଏଡ୍ ପାଠ୍ୟକ୍ରମଥି ନାଁଲେଖାବାର୍‌କେ ଏନ୍‌ସିଇଟି ପରୀକ୍ଷା ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଅମୃତ୍ ଭାରତ୍ ଏକ୍ସପ୍ରେସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବତଟ ରେଲପଥ ଜୋନ୍ ନ ଖୋବ୍ ଜଲ୍‌ଦି ଆଉ ୨ ଟା ଅମୃତ୍ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍ ଚଲାଚଲ୍ କର୍‌ବା । କାମାକ୍ଷା - ଚର୍ଲାପାଲି ଆଉ କୋଏମ୍ବାଟୁର୍ ପୋତ୍‌ନୁର୍- ଧାନ୍‌ବାଦ୍ ଭିତ୍‌ରେ ସାପ୍ତାହିକ୍ ଭାବେ ଇ ଦୁହି ଟ୍ରେନ୍ ଚାଲ୍‌ବା । ସେଥିର୍‌ଭିତ୍‌ରୁ ପୋତ୍‌ନୁର୍ ଧାନ୍‌ବାଦ୍ ଟ୍ରେନ୍ ସମ୍ବଲ୍‌ପୁର୍ ଦେଇକରି ଯା'ଆସ୍ କର୍‌ବା । ଇ ଟ୍ରେନ୍ ଫି' ଶନିବାର୍ ଦିନ ପୋତ୍‌ନୁର୍ ନୁ ଆଉ ଫି' ସୋମ୍‌ବାର୍ ଦିନ ଧାନ୍‌ବାଦ୍‌ନୁ ବାହାର୍‌ବା । ଓଡ଼ିଶା ନ ରାୟଗଡ଼ା, କଲାହାଣ୍ଡି, ବଲାଙ୍ଗିର୍, ବର୍‌ଗଡ୍, ସମ୍ବଲପୁର୍, ଝାର୍‌ସୁଗୁଡ଼ା ଆଉ ସୁନ୍ଦର୍‌ଗଡ୍ ଜିଲ୍ଲା ଦେଇକରି ଇ ଟ୍ରେନ୍ ଯିବା ।

ନାଟକ୍ ଉତ୍ସବ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍, ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ, ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ସଂସ୍କୃତି ପରିଷଦ୍‌ର ମିଲିତ୍ ସହଯୋଗ୍‌ଥି ସମ୍ବଲ୍‌ପୁର୍ ତପସ୍ୱିନୀ ହଲ୍ ଠାନେ ରାଜ୍ୟସ୍ତରୀୟ ନାଟକ୍ ଉତ୍ସବ୍-ରଙ୍ଗସଙ୍ଗମ ଗଲାକାଏଲ୍ ମୁଲ୍

ହେଇଛେ । ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀର୍ ସଚିବ ଡକ୍ଟର୍ ଚନ୍ଦ୍ରଶେଖର୍ ହୋତାଙ୍କର୍ ସହେତେ ବରିଷ୍ଠ ନାଟ୍ୟକାର୍, ସାହିତ୍ୟିକ ଆଉ ସଂସ୍କୃତି ବିଭାଗ୍‌ର ଅଧିକାରୀମାନେ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ଝାରସୁଗୁଡ଼ା -ସ୍ୱାସ୍ଥ୍ୟ ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଜିଲ୍ଲା ନ ସ୍ୱାସ୍ଥ୍ୟ ଭିତିଭୂମି ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମାତୃ ଆଉ ଶିଶୁ ମୃତ୍ୟୁ ହାର ଶୂନ୍ୟ କର୍‌ବାର୍‌କେ ଅଏତ୍‌କା ଜୋର୍ ଦିଆଯାଇଥିଲା । ଇ ଅବ୍‌ସରେ ଜିଲ୍ଲାପାଲ୍ ଜିଲ୍ଲା ନ ସବୁ ମୃତ୍ୟୁ ଘଟ୍‌ନାର୍ ମୁଲ୍ କାରଣ୍ ଖୁଜ୍‌ବାର୍ ଲାଗି ଗୁଟେ ଗେପ୍ ଆନାଲିସିସ୍ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଜଟିଳ ସମସ୍ୟା ଥିବା ଗର୍ଭବତୀ ମାନ୍‌କର୍ ନିୟମିତ୍ ଯାଂଚ୍ କର୍‌ବାର୍ ଲାଗି ସ୍ୱତନ୍ତ୍ର ମୋବାଇଲ୍ ଆପ୍ ବିକଶିତ୍ କର୍‌ବାର୍‌କେ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାନୁ ୭୪ ଝନ୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରୀ ଶ୍ରୀଜଗନ୍ନାଥ୍ ଯୋଜ୍ନା -୨୦୨୬ ଥି ୨ ଟା ବସ୍ ଜରିଏ ଗଲାକାଏଲ୍ ପୁରୀ କେ ଯାଇଛନ୍ । ନୂଆପଡ଼ା ଆମ ବସ୍ଷ୍ଟାଣ୍ଡ୍ ପରିସର୍ ନ ଜିଲ୍ଲାପାଲ୍ ମଧୁସୂଦ୍ ଦାସ ପତାକା ଦେଖେଇକରି ତାର୍ ଶୁଭାରମ୍ଭ କରିଥିଲେ । ଜିଲ୍ଲା ପ୍ରଶାସନ୍ ତର୍ଫୁ ତୀର୍ଥଯାତ୍ରୀମାନ୍କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର୍ ସହେତେ ଯାତ୍ରା ଲାଗି ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ।